## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ବାଲିଗୁଡା,(ସଞ୍ଜୟ ପାଣିଗ୍ରାହୀ)ବାଲିଗୁଡା ଉପଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଅମୃତ ଋତୁରାଜ ଓ ଏସ୍‌ପି ହରିଶ ବିଶି ଯୁଗ୍ମ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ଉପଜିଲାପାଳ ଡା ରାନା ପ୍ରଧାନ, ଆଇଟିଡିଏ ପିଏ କୃପାସିନ୍ଧୁ ବେହେରା ଉପସ୍ଥିତ ଥିଲେ। ୬୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏଥିରୁ ବ୍ୟକ୍ତିଗତ ୪୧ଟି ଓ ସାମୁହିକ ଭାବେ ୨୩ଟି ଅଭିଯେଗ ଆସିଥିଲା। ଓଡିଶା ପ୍ରେସ୍ କ୍ଲବ ପକ୍ଷରୁ ଜନାଜାତି ସଂଗ୍ରହାଳୟ ଓ ଇଲାଇବ୍ରେରିକୁ କାର୍ଯ୍ୟକ୍ଷମ କରିବାକୁ ଅଭିଯୋଗ ଆସିଥିଲା। ଶୁଣାଣିରେ ଉପଖଣ୍ଡ ତଥା ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନାଳରେ ବୁଡ଼ି ଜଣଙ୍କ ମୃତ୍ୟୁ

ଭଞ୍ଜନଗର,୧୮।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅର୍ନ୍ତଗତ କଇଁଣ୍ଡି ଗ୍ରାମ ନାଳରେ ବୁଡ଼ି ସୋମବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ଭୂୟାଁ (୬୨)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି । ସନ୍ତୋଷ ସକାଳେ ନାଳକୁ ଗାଧୋଇବା ପାଇଁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶେଷରେ ନାଳକୁ ଯାଇ ଖୋଜିବା ବେଳେ ସେ ବୁଡିଯାଇଥିବା ଦେଖି ପାଣିରୁ ବାହାରକୁ ଆଣ ଭଞ୍ଜନଗର ମେଡିକାଲକୁ ନେଇଥିଲେ। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସ୍ଥାୟୀ ନିଯୁକ୍ତି ଦାବି କଲେ କଳା, କ୍ରୀଡ଼ା ଶିକ୍ଷକ

ଛତ୍ରପୁର,୧୮।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ପ୍ରଶିକ୍ଷକମାନଙ୍କର ନିଯୁକ୍ତିକୁ ସ୍ଥାୟୀ କରିବା ନେଇ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଦାବି ହୋଇଛି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶିକ୍ଷକମାନେ ସମଗ୍ର ଶିକ୍ଷା ଅଭିଯାନ ଯୋଜନାରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୧୩ରୁ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇ କାର୍ଯ୍ୟ କରି ଆସୁଛନ୍ତି । ହେଲେ ସେମାନଙ୍କ ନିଯୁକ୍ତିକୁ ସ୍ଥାୟୀ କରାଯାଇନାହିଁ। ତେଣୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି,ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶାରୀରିକ ( କ୍ରୀଡା ) ଶିକ୍ଷା ଓ କଳା ଶିକ୍ଷା (ଚିତ୍ରକଳା, ସଂଗୀତ କଳା) ଶିକ୍ଷାକୁ ବାଧତାମୂଳକ ଶିକ୍ଷା ବ୍ୟବସ୍ଥାରେ ପ୍ରଚଳନ କରିବାକୁ ଦାବି ଉଲ୍ଲେଖ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

ଚକାପାଦ,୧୮।୧୧(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତରେ ବ୍ଲକ୍‌ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ଅଶୋକ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ ବଡ଼ସେଠ, ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ଉପାଧ୍ୟକ୍ଷ ସୋମନାଥ ବେହେରା, ସରପଞ୍ଚ ଜାନକୀ ପ୍ରଧାନ, ସମିତିସଭ୍ୟ କିରାପ ପ୍ରଧାନ, ନାଏବ ସରପଞ୍ଚ ମାଳେଶ୍ୱର୍ କହଁର ଯୋଗ ଦେଇଥିଲେ। ଶିବିରରେ ୨୫୪ ଜଣ ପଞ୍ଜୀକରଣ କରିଥିଲେ। ଚିକିତ୍ସା ପରେ ୬ଜଣଙ୍କୁ ହ୍ୱିଲ୍ ଚେୟାର, ଜଣଙ୍କୁ ଟ୍ରାଇ ସାଇକଲ, ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଛି। ବିଡିଓ ହୃଦୟ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ଜି.ଉଦୟଗିରିରେ ପାରଦ ୭.୨

ଜି.ଉଦୟଗିରି,୧୮।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସହରରେ ସୋମବାର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ସେଲସିୟସ ରହଇଥିବା ଜି.ଉଦୟଗିରିସ୍ଥିତ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ୭.୮ଡିଗ୍ରୀ ରହିଥିବା ବେଳେ ସୋମବାର ୭.୨ ଡିଗ୍ରୀ ରହିଛି। ଚଳିତ ବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିଲେ ମଧ ହଠାତ ତାପମାତ୍ରା କମିଯିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସକାଳ ୧୦ଟା ସୁଦ୍ଧା ଘରୁ ବାହାରିବା କଷ୍ଟ ହେଉଛି। ଶୀତ ଯୋଗୁ ସନ୍ଧ୍ୟା ପରେ ବଜାରରେ ଭିଡ଼ କମିଯାଉଛି। ଘନ କୁହୁଡ଼ି ଯୋଗୁ କଳିଙ୍ଗା ଘାଟିରେ ଯାନବାହନ ଚଳାଚଳରେ ମଧ ଅସୁବିଧା ହେଉଛି।

# ଜଳଭଣ୍ଡାରରୁ ମିଳିଲା ମାତ୍ର ୨୦୦ କେଜି ମାଛ



ସୋରଡା,୧୮।୧୧(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡା ଜଳଭଣ୍ଡାର ମାଛ ଉତ୍ପାଦନ ପାଇଁ ଏକ ପ୍ରମୁଖ କେନ୍ଦ୍ର। ମାତ୍ର ଗତ କିଛି ବର୍ଷ ହେଲା ସୋରଡା ଘାଇ ଦିନକୁ ଦିନ ସତ୍ତା ହରାଇବାରେ ଲାଗିଛି। ଏହି ଘାଇ ଉପରେ ସୋରଡାର ୩୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ନିର୍ଭର କରିଥାନ୍ତି। କାର୍ତ୍ତିକ ମାସ ତମାମ ଅପେକ୍ଷା ପରେ ରବିବାର ଛାଡଖାଇରେ ସେମାନଙ୍କ କିଛି ରୋଜଗାର ପାଇଁ ଆଶା ଥିଲା। ଅଥଚ ମାଛ ଉତ୍ପାଦନ କମ ହେତୁ ସବୁ ମଉଳିଗଲା। ଗତ ବର୍ଷ ଛାଡଖାଇ ଦୁଇ ଦିନରେ ୫୦୦୦ କିଲୋ ମାଛ ଆଦାୟ ହୋଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୫୦ରୁ ୨୦୦ କିଲୋ ମଧ୍ୟରେ ମାଛ ଆଦାୟ ହୋଇଛି। ସୋରଡା ଘାଇର ମାଛ ସ୍ୱତନ୍ତ୍ର ଚାହିଦା ଥିବାରୁ ରବିବାର ସକାଳୁ ବହୁ ଲୋକ ଘାଇରେ ସଜ ମାଛ କିଣିବା ପାଇଁ ପହଞ୍ଚିଥିଲେ। ମାତ୍ର ସବୁ ମତ୍ସ୍ୟଜୀବୀ ଖାଲି ଡଙ୍ଗା ଧରି ଫେରିଥିଲେ। ମାଛ ନେବାକୁ ଅପେକ୍ଷା କରିଥିବା ଲୋକେ ନିରାଶ ହୋଇଥିଲେ। ଚଳିତ ବର୍ଷ ଘାଇରେ ପାଣିର ଅଭାବ ଓ ଯାଁଳା ଛାଡିବା କ୍ଷେତ୍ରରେ ଜିଲା ମତ୍ସ୍ୟ ଅଧିକାରୀ ଓ ସୋରଡା ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ

> ■ ୩୦୦ ମତ୍ସ୍ୟଜୀବୀ ପରିବାର ଏବେ ଚିନ୍ତାରେ
>
> ■ ୮୦୦ ହେକ୍ଟରର ଘାଇ ଅବହେଳାର ଶିକାର
>
> ■ ଛାଡଖାଇରେ ନିରାଶ କଲା ସୋରଡ଼ା ଜଳଭଣ୍ଡାର

ଅବହେଳା ଯୋଗୁ ସୋରଡା ଘାଇ ଦିନକୁ ଦିନ ସତ୍ତା ହରାଇବାରେ ଲାଗିଛି। ଏହାର ଗଭୀର ପ୍ରଭାବ ମତ୍ସ୍ୟଜୀବୀଙ୍କ ଉପରେ ପଡୁଛି। ସେମାନଙ୍କ ରୋଜଗାର କମି ପରିବାର ଚଳିବା କଷ୍ଟକର ହୋଇପଡୁଛି। ସୋରଡା ଜଳସେଚନ ବିଭାଗ ଓ ଜିଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ସୋରଡା ଘାଇରୁ ଦିନକୁ ଦିନ ମାଛ କମିବାରେ ଲାଗିଛି ବୋଲି ମତ୍ସ୍ୟଜୀବୀମାନେ ଅଭିଯୋଗ କରିଛନ୍ତି। ଯେଉଁ ଦିନ ଯାଁଳା ଛଡ଼ାଯାଉଛି ସେହି ଦିନ ଜଳସେଚନ ବିଭାଗ କେନାଲରେ ପାଣି ଛାଡିବା ପାଇଁ ଗେଟ ଖୋଲୁଛି। ସୋରଡା ମତ୍ସ୍ୟଜୀବୀ ସୋସାଇଟି ୪୦୦ ହେକ୍ଟର ପାଇଁ ୧ ଲକ୍ଷ ୩୬ ହଜାର ବାନ୍ଧିଲା ପରେ ୯୬ ହଜାର ଟଙ୍କାର ଯାଁଳା ବଣ୍ଟା ଯାଉଛି ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ସୋରଡା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ସପ୍ତାହରେ ଗୋଟିଏ ଥର ସୋରଡା ବୁଲିବାକୁ ଆସି ସେ କାର୍ଯ୍ୟ କରୁଥିବା ସ୍ଥାନରେ ନୀରବ ରହୁଛନ୍ତି। ୮୦୦ ହେକ୍ଟର ଜମିରେ ଥିବା ଓଡିଶାର ଏହି ସର୍ବପୁରାତନ ଜଳଭଣ୍ଡାରରୁ ପ୍ରତିବର୍ଷ ଛାଡଖାଇ ଓ ପଣା ସଂକ୍ରାନ୍ତି ପରେ ୭ରୁ ୮ ହଜାର କେଜି ମାଛ ଆଦାୟ ହୁଏ। ଏପରିସ୍ଥଳେ ବର୍ତ୍ତମାନ ଏହା ମାତ୍ର ୧୫୦ରୁ ୨୦୦ କେଜି ଭିତରେ ସୀମିତ ରହିଛି। ଏକ ରିପୋର୍ଟରୁ ଜଣାପଡିଛି, ଗଞ୍ଜାମ ଜିଲାରେ ଦୈନନ୍ଦିନ ୭୦ ଟନ ମାଛର ଆବଶ୍ୟକତା ରହୁଥିବା ବେଳେ ଆଦାୟ ହେଉଛି ମାତ୍ର ୩୦ ଟନ। ଏପରି ସ୍ଥିତିରେ ଜିଲାର ପ୍ରମୁଖ ଜଳଭଣ୍ଡାରଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବ ଓ ପୁନଃରୁଦ୍ଧାର ଯୋଜନାର ବିଫଳତା ଯୋଗୁ ଜଳଭଣ୍ଡାରଗୁଡିକ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଏଥିପ୍ରତି ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମତ୍ସ୍ୟଜୀବୀ ସଙ୍ଗଠନ ଦାବି କରିଛି।

# ମାଛ ପୋଖରୀ ନିଲାମ ବାତିଲ ଦାବି

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ଛତ୍ରପୁର,୧୮।୧୧ (ଦିଲୀପ ସାମଲ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ମନ୍ତ୍ରୀଡ଼ି ପଞ୍ଚାୟତର ବୟାଳି ଗ୍ରାମ ପୋଖରୀରେ ମାଛ ଚାଷ କରିବାକୁ ହୋଇଥିବା ନିଲାମ ବାତିଲ କରିବା ଲାଗି ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଗ୍ରାମବାସୀ ଏକ ଦାବିପତ୍ର ଦେଇଛନ୍ତି। ଏହି ପୋଖରୀ ଉପରେ ବୟାଳି ଗ୍ରାମ ସମେତ ଆଖପାଖ ଅଞ୍ଚଳର ଲୋକମାନେ ନିର୍ଭର କରନ୍ତି। ଯାତାୟାତ କରୁଥିବା ବହୁ ତୀର୍ଥଯାତ୍ରୀ ମଧ ଏହି ପୋଖରୀ ଉପରେ ନିର୍ଭର କରୁଛନ୍ତି । ଏଥିରେ ମାଛ ଚାଷ କରାଗଲେ ଗ୍ରାମବାସୀଙ୍କ ସହ ତୀର୍ଥଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏହାକୁ ବିଚାର କରି ପୋଖରୀରେ ମାଛ ଚାଷ ପାଇଁ ହୋଇଥିବା ନିଲାମ ବାତିଲ କରିବା ପାଇଁ ଗ୍ରାମବାସୀ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ପୂର୍ବରୁ ସରପଞ୍ଚଙ୍କ ସମେତ ବହୁ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ବୋଲି ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ନରସିଂହ ମହାପାତ୍ର, ପବିତ୍ର ନାୟକ, ଦିଲ୍ଲୀ କିଶୋର ନାୟକ, ସୁଷମା ନାୟକ, ଭୀମ ନାୟକ, ସନ୍ତୋଷ ନାୟକ, ମାନିନୀ ଦାସ, ନିରଞ୍ଜନ ବେହେରା, ଅନାଦି ନାୟକ, ଦିନେଶ ନାହାକ, ବଳରାମ ମହାନ୍ତି, ପ୍ରଫୁଲ୍ଲ ମହାପାତ୍ର, ଲକ୍ଷ୍ମଣ ନାୟକ, ସଞ୍ଜୟ ମହାରଣା, ଉମେଶ ଚନ୍ଦ୍ର ନାୟକ, ଦଣ୍ଡପାଣି ନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବ୍ଲକ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ



ଅଙ୍ଗନୱାଡି କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ମୋହନା,୧୮।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା କଲ୍ୟାଣ ମଣ୍ଡପରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ବ୍ଲକସ୍ତରୀୟ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ମଜଦୁର ସଂଘ ଓ ଅଲ ଓଡିଶା ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନର ଗଜପତି ଜିଲା ସମ୍ପାଦିକା ଅଞ୍ଜଳି ନାୟକଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସହାୟିକା ସ୍ଥାନୀୟ ହାଇସ୍କୁଲ ପଡିଆରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ପରେ କଲ୍ୟାଣ ମଣ୍ଡପରେ ଏକ ସଭା ହୋଇଥିଲା। ଏଥିରେ ଓଡିଶା ପ୍ରାନ୍ତ ସାମାଜିକ ସମରସତା ପ୍ରମୁଖ ତରଣୀସେନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସହାୟିକାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ଭବାନୀ ଶଙ୍କର ଦାସ ଯୋଗଦେଇ ବ୍ଲକ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଆଇନଜୀବୀ ବିଶ୍ୱ ରଞ୍ଜନ ଦାସ ଯୋଗଦେଇ ଭାରତୀୟ ମଜଦୁର ସଂଘ ଭଳି ରାଷ୍ଟ୍ରବାଦୀ ଶ୍ରମିକ ସଙ୍ଗଠନ ଦ୍ୱାରା ଅନେକ କାର୍ଯ୍ୟ ଆଗକୁ ବଢିଥିବା କହିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କାର୍ଯ୍ୟରୁ ଅବସର ନେଇଥିବା କେଭି ଲକ୍ଷ୍ମୀ ପଟ୍ଟନାୟକ, ସରସ୍ୱତୀ ଗୌଡ଼, ମିରା ନାୟକ୍‌ଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏ ଓ ମୃତ୍ୟୁବରଣ କରିଥିବା ସୁକାନ୍ତି ମଲିକଙ୍କ ପରିବାରକୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅଙ୍ଗନବାଡି କର୍ମଚାରୀ ସଂଘ ଜିଲା ସଭାନେତ୍ରୀ କୁନି ଜାନି,ମୋହନା ବ୍ଲକ ସଭାନେତ୍ରୀ ଭାରତୀ ନାୟକ, ରାୟଗଡ ବ୍ଲକ ସଭାନେତ୍ରୀ ପ୍ରମିଳା ଦେବୀ ଓ ଗୁମା ବ୍ଲକ ସଭାନେତ୍ରୀ ପ୍ରମୋଦିନୀ ଶବର ଉପସ୍ଥିତ ଥିଲେ।

# ସ୍ତ୍ରୀ ଅଧିକାର ପାଇଁ ପ୍ରେମିକ ଘର ଆଗରେ ଧାରଣା

ପୋଲସରା,୧୮।୧୧(ସୁବ୍ରତ ବେହେରା):

ସ୍ତ୍ରୀ ଅଧିକାର ପାଇଁ ଜଣେ ଯୁବତୀ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି। ଗଞ୍ଜାମ ଜିଲା ପୋଲସରା ଥାନା ବୁଢେଇଶୁଣୀ ପଞ୍ଚାୟତ ଅଧିନସ୍ଥ ଲକ୍ଷ୍ମଣପଲ୍ଲୀ ଗ୍ରାମରେ ଏହି ଘଟଣା ଘଟିଛି। ଅଧିକାର ମିଳିବା ପର୍ଯ୍ୟନ୍ତ ସୁରକ୍ଷା ଦେବାଲାଗି ଯୁବତୀ ଜଣକ ଗୃହ ବିଭାଗଠାରୁ ଆରମ୍ଭ କରି ମହିଳା କମିଶନ ଏବଂ ଜିଲା ପ୍ରଶାସନକୁ ସ୍ପିଡ ପୋଷ୍ଟ ମାଧ୍ୟମରେ ଅବଗତ କରାଇଥିଲେ। ପୋଲସରା ଥାନାଧିକାରୀ କୈଶିକ ମାଝୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଏ ନେଇ ପୂର୍ବରୁ ଥାନାରେ କୌଣସି ରିପୋର୍ଟ ହୋଇ ନ ଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ଲକ୍ଷ୍ମଣପଲ୍ଲୀ ଗ୍ରାମର ଭାରତୀ ସାହୁଙ୍କ ତାଙ୍କରି ଗ୍ରାମର ଜଣେ ଯୁବକଙ୍କ ସହିତ ପ୍ରାୟ ୧୩ ବର୍ଷ ତଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ପରିବାର ଏହା ଜାଣିବା ପରେ ବିବାହ ପାଇଁ ସ୍ଥିର କରିଥିଲେ। ତେଣୁ



ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି ଭାରତୀ ସାହୁ।

ସମ୍ପର୍କ ଆଗକୁ ବଢିଚାଲିଲା। ପରେ ଚଣ୍ଡିରାମପୁରସ୍ଥିତ ଉଗ୍ରେଶ୍ୱରଙ୍କ ପୀଠରେ ଗ୍ରାମର କେତେଜଣଙ୍କ ସହ ପରିବାର ଲୋକଙ୍କ ଉପସ୍ଥିତିରେ ପ୍ରେମିକ ଭାରତୀଙ୍କୁ ମଙ୍ଗଳସୂତ୍ର ପିନ୍ଧାଇବା ସହ ମଥାରେ ସିନ୍ଦୂର ଲଗାଇ ସ୍ତ୍ରୀର ମାନ୍ୟତା ଦେଇଥିଲେ। ହେଲେ ତାଙ୍କୁ ଆଉ ଘରକୁ ନ ନେଇ ବିଭିନ୍ନ ବାହାନା ଦେଖାଇଥିଲେ। ପରେ ଘର ଡିହ ଓ ୫୦ ଲକ୍ଷ ଟଙ୍କା ଦେଲେ ଘରକୁ ଆସିବ ବୋଲି କହୁଥିଲେ। ୨୦୧୭ ଓ ୨୦୨୨ରେ ଭାରତୀ ଗର୍ଭବତୀ ହୋଇଥିଲେ ମଧ ପ୍ରେମିକ ଜଣକ ଔଷଧ ଖୁଆଇ ଗର୍ଭ ନଷ୍ଟ କରି ଦେଇଥିଲେ। ଏସବୁ ଘଟଣା ସମ୍ପର୍କରେ ଗତ ସେପ୍ଟେମ୍ବର ୧୭ ତାରିଖରେ ଭାରତୀଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଯୁବକଙ୍କ ପରିବାରକୁ ଜଣାଇ ଦିଆଯାଇଥିଲା। ଯୁବକଙ୍କ ବାପା ମାର୍ଗଶୀର ମାସରେ ଭାରତୀଙ୍କୁ ବୋହୂ କରି ନେବେ ବୋଲି କହିଥିଲେ। ହେଲେ ଏଥିରେ ବ୍ୟତିକ୍ରମ ହେବାରୁ ଭାରତୀ ସମାଜସେବୀ ପ୍ରମିଳା ତ୍ରିପାଠୀଙ୍କ ସହ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି।

## ସହରରେ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି

### ଟ୍ରାଫିକ ଓ ଅପରାଧ ନିୟନ୍ତ୍ରଣ

ଜି.ଉଦୟଗିରି,୧୮।୧୧(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ନିମନ୍ତେ ଏନ୍‌ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ନିକଟରେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଆଗକୁ ଖ୍ରୀଷ୍ଟମାସ, ନୂତନ ବର୍ଷ ଭଳି ପର୍ବ ଥିବାରୁ ସହର ଜନଗହଳି ହୋଇପଡିବ। ଏବେ ଟ୍ରାଫିକ ସମସ୍ୟା ସହ କେତେ ଜଣଙ୍କ ବିକୃତ ଶବ୍ଦ କରି ଦ୍ରୁତଗତିରେ ବାଇକ୍ ଚାଳନା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସହର ମଧ୍ୟଦେଇ ରାଜ୍ୟ ରାଜପଥ ଯାଇଥିବା ବେଳେ ଜନସାଧାରଣ ସ୍ଥାନେ ସ୍ଥାନେ ଗାଡ଼ି ମୋଟର ରଖି ଜିନିଷପତ୍ର କିଣାକିଣି କରୁଥିବାରୁ ଯାତ୍ରୀବାହୀ ବସ୍ ଓ ଅନ୍ୟ ଛୋଟ ଗାଡ଼ି ରାସ୍ତାରେ ଫସି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ସହରର ମୁଖ୍ୟ ସ୍ଥାନ ପ୍ରବେଶ ପଥ, ଗାନ୍ଧୀ ଛକ, ଚକରା ବିଶୋୟୀ ଛକ, ଏନଏସି ଛକ, ପୋଷ୍ଟ ଅଫିସ ଛକରେ ସିସି ଟିଭି କ୍ୟାମେରା ଲଗାଇଲେ ସହରରେ ଘଟୁଥିବା ଘଟଣା ଦୁର୍ଘଟଣା, ଚୋରି ଓ ଅନ୍ୟାନ୍ୟ ଅପରାଧକୁ ନିୟନ୍ତ୍ରଣ କରିବା ସହଜ ହେବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ମହାପ୍ରୟାଣ ଗାଡ଼ି ଉଦ୍‌ଘାଟନ କଲେ ବିଧାୟକ

ପାତ୍ରପୁର,୧୮।୧୧(ଉମା ଚରଣ ନେପାକ):

ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ସ୍ଥାନୀୟ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ମହାପ୍ରୟାଣ ଗାଡ଼ି, ଅଲଟ୍ରାସାଉଣ୍ଡ ସୁବିଧା ଓ ରୋଗୀଙ୍କ ପାଇଁ ସୁଷମ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥାର ଉଦଘାଟନ କରିଛନ୍ତି। ଏଠାରେ ମହାପ୍ରୟାଣ ଗାଡ଼ି ନ ଥିବା ଯୋଗୁ ବହୁ ଗରୀବ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସମ୍ବିଦ ବେଗରାୟ, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସଙ୍କ ପାତ୍ରପୁରର ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟା, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର, ଆଶାକର୍ମୀ ଓ ସମସ୍ତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।

# ଅତିରିକ୍ତ ଜିଲାପାଳଙ୍କୁ ଭେଟିଲା ମିଳିତ କ୍ରିୟାନୁଷ୍ଠାନ କମିଟି

ଛତ୍ରପୁର,୧୮।୧୧(ଦିଲ୍ଲୀପ ସାମଲ):

ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ଡିଏଲ୍‌ସି ପଦବୀ ପୂରଣ ସମେତ ବିଭିନ୍ନ ଦାବି ନେଇ ନିର୍ମାଣ ଶ୍ରମିକ ସଂଗଠନର ଛତ୍ରପୁର ମିଳିତ କ୍ରିୟାନୁଷ୍ଠାନ କମିଟି ସୋମବାର ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ଭେଟିଛି। ଡିଏଲସି ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ସପ୍ତାହକୁ ଦୁଇ ଦିନ ଡ଼ିଏଲସି ଅସ୍ଥାୟୀ ଭାବେ ଆସିବା, ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଆବେଦନ କରି ପଡିରହିଥିବା ନୂତନ ନିର୍ମାଣ ଶ୍ରମିକ କାର୍ଡ ଗୁଡିକ ଠିକ ସମୟରେ ପ୍ରଦାନ କରିବା, ନିର୍ମାଣ ଶ୍ରମିକ ହିତାଧିକାରୀ ମାନଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରିବା ଏବଂ କାର୍ଯ୍ୟାଳୟରେ ଆବଶ୍ୟକତା ଥିବା ବିଭିନ୍ନ ପଦପଦବୀ ପୂରଣ ନିମନ୍ତେ କମିଟି ପକ୍ଷରୁ ଅତିରିକ୍ତ



ଅତିରିକ୍ତ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କମିଟି କର୍ମକର୍ତ୍ତା।

ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିଗୁଡିକ ଯଥାଶୀଘ୍ର ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ମିଳିତ ଛତ୍ରପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ସନ୍ତୋଷ କୁମାର ସାହୁ କହିଛନ୍ତି । କମିଟିର ଉପଦେଷ୍ଟା ରାଜେନ୍ଦ୍ର ଦାଶ, ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ବିଜୟ ମୁଦୁଲି, ସଂଯୋଜକ ଇଜୁ ଆମିନ ଖାନ, ଟି, ରଘୁନାଥ ରେଡ୍ଡୀ, ମୀନତି ପାତ୍ର , ମମତା ନାୟକ, ଲକ୍ଷ୍ମିପ୍ରିୟା ବେହେରା, ରବିନ୍ଦ୍ର ବେହେରା, ଅଭିମନ୍ୟୁ ନାୟକଙ୍କ ସମେତ ବହୁ ନିର୍ମାଣ ଶ୍ରମିକ ମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟିଥିଲେ।

# ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

ପାରଳାଖେମୁଣ୍ଡି,୧୮।୧୧(ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ସନତୁଣ୍ଡି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଜପତି ଜିଲାପାଳ ବିଜୟ କୁମାର ଦାଶ, ଏସ୍‌ପି ଜତିନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ ଯୋଗଦେଇ ସନତୁଣ୍ଡି ପଞ୍ଚାୟତ ସମେତ ରାୟଗଡ, କରଡ଼ାସିଂ ଓ ଏସ.କରଡ଼ାସିଂ ପଞ୍ଚାୟତରୁ ଆସିଥିବା ୧୮୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଓ ୯୫ଟି ଗ୍ରାମ ସମସ୍ୟାଭିତ୍ତିକ ଅଭିଯୋଗ ରହିଥିଲା। ଅଭିଯୋଗଗୁଡିକ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନଆରଇଜିଏସ୍,ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା,ଜଳସେଚନ, ସ୍ୱାସ୍ଥ୍ୟସେବା ଓ ରାସ୍ତା ସମସ୍ୟା ନେଇ ଅଭିଯୋଗମାନ ଆସିଥିଲା। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦୁଇ ଜଣଙ୍କୁ ହୁଇଲ ଚେୟାର ଓ ଅନ୍ୟ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ରାୟଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର,ବିଡିଓ ସୁଧୀର ସିଂ, ତହସିଲଦାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲି, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସନ୍ତୋଷ ନାୟକ, ସ୍ଥାନୀୟ ସରପଞ୍ଚଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନର ଜାତୀୟ ସମ୍ମିଳନୀ

ବୁଗୁଡ଼ା,୧୮।୧୧(କାଳିଚରଣ ଦାଶ)

ପିପୁଲ୍ସ କଲେଜର ସମ୍ମିଳନୀ କକ୍ଷରେ ଦକ୍ଷିଣ ଓଡ଼ିଶା ଅର୍ଥନୀତି ସଙ୍ଗଠନର ଅଷ୍ଟମ ବାର୍ଷିକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅର୍ଥନୀତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ପ୍ରଫେସର ଆଦିତ୍ୟ ପାତ୍ର, ସମ୍ମାନିତ ଅତିଥି ପ୍ରଫେସର ବିପିନ ନାୟକ, କଲେଜ ପରିଚାଳନା ସମିତି ସଭାପତି ରଜନୀକାନ୍ତ ଭଞ୍ଜ, ସାଉଥ୍ ଓଡ଼ିଶା ଇକୋନୋମିକ ଆସୋସିଏଶନ ଜେନେରାଲ ସେକ୍ରେଟାରି ପ୍ରଫେସର ସନ୍ଧ୍ୟାରାଣୀ ଦାଶ, ପିପୁଲ୍ସ କଲେଜ ଆଇକ୍ୟୁଏସି କୋର୍ଡିନେଟର ଅକ୍ଷୟ ସାହୁ, ସଙ୍ଗଠନ ସମ୍ପାଦକ ଲେଫ୍ଟନାଣ୍ଟ ଅଜୟ ସାହୁ ଯୋଗଦେଇଥିଲେ। ଅତିଥିମାନେ 'ଭିଜନ୍ ଇଣ୍ଡିଆ ୨୦୪୭: ରିଅଲାଇଜିଂ ଦି ଡ୍ରିମ୍ ଅଫ୍ ଡେଭଲପ ଇଣ୍ଡିଆ' ଶୀର୍ଷକ ଉପରେ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସୋଆ




ସମ୍ମିଳନୀରେ ଉପସ୍ଥିତ ଅତିଥି ।

ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଏବଂ ଭାରତ ସରକାରଙ୍କ ଏମ୍‌ଆରଡି ଫାକ୍ୟୁଆଲଟି ପ୍ରଦୀପ ନାଥ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ବିଷୟବସ୍ତୁ ସମ୍ପର୍କରେ ନିଜ ମତ ରଖିଥିଲେ। ଅଧ୍ୟାପକ ଆତ୍ମପ୍ରକାଶ ନାୟକ ସଂଯୋଜନା କରିଥିଲେ। ଅଧ୍ୟାପକ ପ୍ରଦୀପ ଦାଶ ଅତିଥି ପରିଚୟ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୋଆ ଉପସଭାପତି ନୀଳାଞ୍ଚଳ ପଣ୍ଡା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ପ୍ରାଧ୍ୟାପିକା ପ୍ରଜ୍ଞା ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର ବିପିନ ନାୟକ, ସମ୍ମାନିତ ଅତିଥି ରୂପେ ବିଭୁ ପ୍ରସାଦ ସାହୁ ଓ ସୋଆ କୋଷାଧ୍ୟକ୍ଷ ପ୍ରଫେସର ଉମେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶ୍ରେଷ୍ଠ ସନ୍ଦର୍ଭ ଉପସ୍ଥାପନା ପାଇଁ ୪ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ପୁରୁଷୋତ୍ତମ ସାହୁ ଓ ଅବସରପ୍ରାପ୍ତ ପ୍ରଫେସର ତନୁଜ ବିଷୋୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାତଗଣତି ଚାଷୀଙ୍କୁ ନେଇ ପ୍ରାଣୀ ଚିକିତ୍ସା ଶିବିର

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ )

ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଣୀଧନର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ହେଲେ ତାହା ଗ୍ରାମାଞ୍ଚଳରେ ଚାଷୀମାନେ ଠିକ ସୂଚନା ନ ପାଇ ନିଜ ପ୍ରାଣୀଧନ ସୁରକ୍ଷାରେ ସରକାରଙ୍କ ରହିଥିବା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଦାରିଙ୍ଗବାଡି ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଳୟ ଅଧୀନରେ ଥିବା ସିମନବାଡି ପ୍ରାଣୀଧାନ ସହାୟକ କେନ୍ଦ୍ରରେ। ଏହି କେନ୍ଦ୍ରରେ ସୋମବାର ସକାଳେ ଗୋ ବନ୍ଧ୍ୟା ନିରାକାରଣ ପାଇଁ ପ୍ରାଣୀ ଚିକିତ୍ସା ଶିବିର ହୋଇଥିଲା। ଏଥିରେ ହାତ ଗଣତି କେତେ ଜଣ ଗୋପାଳକ ନିଜ ଗାଇକୁ ନେଇ ଶିବିରକୁ ଯାଇଥିଲେ। ମତ୍ସ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ କୁକୁଡ଼ା ପାଳନ, ଗାଇ, ଘୁଷୁରି, ଛେଳି ଆଦି ପାଳନ ଓ ସେମାନଙ୍କ ବିକାଶ ପାଇଁ ପଦକ୍ଷେପ



ପ୍ରାଣୀ ଚିକିତ୍ସା ଶିବିରରେ ସାମିଲ ହୋଇଥିବା କର୍ମଚାରୀ ଓ ଅନ୍ୟମାନେ।

ନିଆଯିବା ବ୍ୟବସ୍ଥା ରହିଥିଲେ ମଧ ସହାୟକ କେନ୍ଦ୍ରଗୁଡିକ ନିୟମିତ ନ ଖୋଲିବା ଏବଂ ଶିବିରଗୁଡିକରେ ନିଜ ଗାଇକୁ ନେଇ ଉପସ୍ଥିତ ରହିବାକୁ ସେମାନଙ୍କୁ ଅବଗତ କରାଯାଉ ନ ଥିବାରୁ ଶିବିର କେବଳ ଏକ ପ୍ରହସନ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଶିବିର ପରିଚାଳନା କରୁଥିବା ଭିଏସ୍ ବନ୍ଦିତା ମିଶ୍ରଙ୍କୁ ଏ ସମ୍ପର୍କରେ ପଚରିବାରୁ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ମତାମତ ଦେବାପାଇଁ ତାଙ୍କୁ ନିର୍ଦ୍ଦେଶ ନାହିଁ ବୋଲି କହିଥିଲେ। ସିମନବାଡି ଅଞ୍ଚଳରେ କେତେ ସଂଖ୍ୟାରେ ଗାଇ, ବଳଦ ଆଦି ରହିଛନ୍ତି ତାର ସୂଚନା ତାଙ୍କ ନିକଟରେ ନ ଥିବା ସେ କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀଧନ ଚିକିତ୍ସକ ଜଗନ୍ନାଥ ଘଡେଇ, ସିମନବାଡି ପ୍ରାଣୀଧାନ ସହାୟକ ସ୍ୱୟଂପ୍ରଜ୍ଞା ଦଳାଇ, ଭ୍ରମରବାଡ଼ିର ଧୀରେନ ଦଳବେହେରା, ପ୍ରାଣୀମିତ୍ର ମିତାଞ୍ଜଳି ନାୟକ, ଶର୍ମିଳା ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

**■ଗୋପାଳକଙ୍କୁ ଖବର ନାହିଁ**

ଅନ୍ୟପକ୍ଷରେ ଦାରିଙ୍ଗବାଡି ବ୍ଲକ ୪ଟି ସ୍ଥାନରେ ଇତି ମଧ୍ୟରେ ଏହି ଶିବିର ହୋଇସାରିଛି। ନିକଟରେ କନ୍ଧମାଳ ଗସ୍ତରେ ଆସିଥିବା ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କନ୍ଧମାଳ ଜିଲାରେ ପ୍ରାଣୀଧନର ବିକାଶ ଉପରେ ଗୁରୁତ୍ୱ ଦେଇ ଏ ଦିଗରେ ପଦକ୍ଷେପ ନେବାକୁ ସମସ୍ତ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କନ୍ଧମାଳ ଜିଲାପାଳ ଅମୃତ ଋତୁରାଜ ମଧ ପ୍ରାଣୀଧନର ବିକାଶ ନେଇ ଜିଲାରେ ଯେପରି ଅଧିକ ପରିମାଣରେ କୁକୁଡ଼ା, ଛେଳି ପାଳନ ସହ ଗୋ ସମ୍ପଦର ସୁରକ୍ଷା ଓ ବିକାଶ ହୋଇପାରିବ ସେନେଇ ପଦକ୍ଷେପ ନେଉଛନ୍ତି। ମାତ୍ର ବିଭାଗ ସ୍ତରରେ ପଞ୍ଚାୟତଗୁଡ଼ିକରେ ଚାଷୀଙ୍କୁ ଠିକ୍ ସୂଚନା ମିଳୁ ନ ଥିବାରୁ ସେମାନେ ଉପକୃତ ହେଉନାହାନ୍ତି।

## ଏଟିଏମ୍ ବଦଳ କରି ଟଙ୍କା ଉଠେଇ ନେଲେ ଯୁବକ

ଗୋପାଳପୁର,୧୮।୧୧(ନବୀନ ରାଜ ଆଚାରୀ)

କନିଷି ହାଟରେ ଥିବା ଏସ୍‌ବିଆଇ ଏଟିଏମ୍ ପରିସରକୁ ଟଙ୍କା ଉଠାଣ ପାଇଁ ଯାଇଥିବା ଜଣେ ବୃଦ୍ଧଙ୍କ ଏଟିଏମ୍ କାର୍ଡକୁ ଚଞ୍ଚକତା କରି ବଦଳ ପରେ ଟଙ୍କା ଲୁଟ୍ ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି । କନିଷି ହାଟ ଅଞ୍ଚଳରେ ହରିହର ମହାପାତ୍ର ହାଟଠାରେ ଥିବା ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ପଛରେ ଠିଆ ହୋଇଥିବା ଜଣେ ଯୁବକ କୌଶଳକ୍ରମେ ହରିହରଙ୍କ ଏଟିଏମ୍ କାର୍ଡକୁ ବଦଳ କରିଦେଇଥିଲେ। ଟଙ୍କା ଉଠାଇ ନ ହେବାରୁ ହରିହର ଘରକୁ ଆସିଥିଲେ। ରବିବାର ସକାଳେ ତାଙ୍କ ମୋବାଇଲକୁ ୨୯ ହଜାର ଟଙ୍କା ୩ଟି ପର୍ଯ୍ୟାୟରେ ଉଠାଯାଇଥିବାର ମେସେଜ ଆସିଥିଲା। ପରେ ହରିହର ପାଖରେ ଥିବା ଏଟିଏମ୍ କାର୍ଡକୁ ଦେଖିବାରେ ତାହା ତାଙ୍କର ନୁହେଁ, ସେଥିରେ ରବି.କେ ବୋଲି ଲେଖାଯାଇଥିବା ଦେଖି ଠକାମିର ଶିକାର ହୋଇଥିବା ଜାଣିଥିଲେ।

# ଡିସେମ୍ବର ୨୩ରୁ ଧାନ ସଂଗ୍ରହ

### ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ

ଛତ୍ରପୁର,୧୮।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାସ୍ତରୀୟ ଖରିଫ ଧାନ ସଂଗ୍ରହ କମିଟି ବୈଠକ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଚଳିତ ଖରିଫ ଋତୁର ଧାନକ୍ରୟ ନେଇ ହୋଇଥିବା ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଅବଗତ ହୋଇଥିଲେ।

ପ୍ରଥମେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଧାନକିଣା ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଛି, କିଭଳି ସମନ୍ୱୟରେ ଏବଂ କାହା ଦ୍ୱାରା ଧାନ ନିର୍ଦ୍ଧାରିତ ସମୟରେ କିଣା ହେବ ଓ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଜମାଖାତାକୁ ଟଙ୍କା ଯିବ, ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍କ୍ୱାର୍ଡର ପ୍ରସ୍ତୁତି ଓ ଚଢାଉ, ଧାନର ଏଫଏକ୍ୟୁ ମାନ କ'ଣ ସବୁ ରହିବା ଦରକାର ସେ ସମ୍ପର୍କରେ ଜଣାଇଥିଲେ। ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ଧାନ ସଂଗ୍ରହର ପ୍ରସ୍ତୁତି କିଭଳି କରାଯାଇଛି ତଥ୍ୟ ଉପସ୍ଥାପନ କରିଥିଲେ। ଚାଷୀଙ୍କଠାରୁ ଏଫଏକ୍ୟୁ ମାନର ଧାନ କିଣାଯିବ। ଏଥିପାଇଁ ବ୍ୟାପକ ସଚେତନତା କରାଯିବ । ଧାନକ୍ରୟ ସମୟରେ କଟନି ଛଟନି ସମ୍ପୂର୍ଣ୍ଣ ବନ୍ଦ ରହିବ। ବିଗତ ବର୍ଷର ଗଚ୍ଛିତ ଚାଉଳ ଏଫସିଆଇ ଉଠାଇ ନ ଥିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଧାନ ସଂଗ୍ରହ ପୂର୍ବରୁ ଚାଉଳ ଉଠାଇବାକୁ ଏଫସିଆଇକୁ କୁହାଯାଇଛି । ଏଫସିଆଇ ଗୋଦାମର ସ୍ଥାନ ଖାଲିହେଲେ ଚଳିତବର୍ଷର ସଂଗୃହୀତ ଧାନ ସେଠାରେ ରହିବ । ଗତବର୍ଷ ୩,୩୧,୦୦୦ ମେଟ୍ରିକ ଟନ ଚାଉଳ ସଂଗ୍ରହ ଲକ୍ଷ୍ୟକୁ ଆଧାର କରି ୪,୪୪୮୫୬.୫୬୯ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଥିଲା । ଯାହାକି ଶତକଡା ୯୦.୦୫ । ଚଳିତ ଖରିଫରେ ଧାନ ବିକ୍ରୟ କରିବା ନିମନ୍ତେ ୧,୪୬,୫୦୪ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଆସନ୍ତା ଡିସେମ୍ବର ୨୩ ତାରିଖ ଠାରୁ ଜିଲାରେ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କୌଣସି ଠାରେ କିଛି ସମସ୍ୟା ଦେଖାଦେଲେ ହେଲ୍ପ ଲାଇନ ନମ୍ବର ଦ୍ୱାରା କଣ୍ଟ୍ରୋଲ ରୁମକୁ ଜଣାଇବା ପାଇଁ ବ୍ୟବସ୍ଥା କରାଯିବ । ଏଥି ସକାଶେ ହେଲ୍ପ ଲାଇନ ନମ୍ବର ସମସ୍ତଙ୍କ ଅବଗତି ନିମନ୍ତେ ବିଭିନ୍ନ ମିଡିଆରେ ପ୍ରଚାର ପ୍ରସାର କରାଯିବ । ମଣ୍ଡି ପ୍ରସ୍ତୁତି, ନୋଡାଲ ଅଫିସର ନିଯୁକ୍ତି/ମଣ୍ଡି ସୁପରଭାଇଜର ଅଫିସର, ବ୍ଲକ ନୋଡାଲ ଅଫିସର, ସ୍କ୍ୱାଡ ପ୍ରସ୍ତୁତି , ଟୋକନ, ଧାନ ଗଚ୍ଛିତ ରଖିବା ସକାଶେ ସ୍ଥାନ, ଧାନର ମାନ ଯାଂଚ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା ମଞ୍ଜାସୀନ ଥିଲାବେଳେ ଚାଷୀ, ମିଲର, ଏଫ.ସି. ଆଇ. ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲାପାଳ ଡ ପ୍ରମୋଦ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଏସ୍‌ଏଭି ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା ସମାରୋହ







କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମିନାକ୍ଷୀ ନଗରସ୍ଥିତ ଏସଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ସମାରୋହ ନୂତନ ଆମ୍ୱ ମାର୍କେଟ ଛକ ସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ୧୯ତମ ବିଜ୍ଞାନ ମେଳା ହୋଇଛି। ପ୍ରଥମ ଦିବସରେ ୧୫୦ରୁ ଅଧିକ ପ୍ରକଳ୍ପ ସ୍ଥାନ ପାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ମେଳାର ମହତ୍ତ୍ୱ କହିଥିଲେ। ମୁଖ୍ୟବକ୍ତା କେ.କୃଷ୍ଣ ମୂର୍ତ୍ତି ଏବଂ ଦେବୀପ୍ରସାଦ ସାହୁ ଉପସ୍ଥିତ ଥିଲେ। ପନ୍ନଗ ଭୂଷଣ ମାଝୀ ଓ କିରନ କୁମାର ମିଶ୍ର ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ। ସ୍କୁଲ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଓ ସହ ସମ୍ପାଦିକା ସୁମିତ୍ରା ନାୟକଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ୬୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ବେଙ୍ଗ ଡିଆଁ, ଚାକୋଲେଟ ଦୌଡ, ଅଖା ଦୌଡ, ଗାଣିତିକ ଦୌଡ, ୧୦୦, ୨୦୦ମିଟର ଦୌଡ ଆଦି ୨୫ ପ୍ରତିଯୋଗିତା ହୋଇଥିଲା। ସମ୍ପାଦକ ଦାଶ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସ୍କୁଲ ପରିଚାଳନା ସଭ୍ୟ ନାରାୟଣ ମାହାଙ୍କୁଡ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ




ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି।

ବ୍ରହ୍ମପୁର,୧୮।୧୧(ସ୍ୱାଧୀନ ଶେଖର ପାଢ଼ୀ)

ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା ଠାରେ ପାଞ୍ଚ ଦିନ ଧରି ଚାଲିଥିବା ତାଲିମ ଶିବିର ସୋମବାର ସରିଛି। ଓଡ଼ିଶା ସରକାରଙ୍କ 'ଷ୍ଟାରସ' କାର୍ଯ୍ୟକ୍ରମ ମାଧ୍ୟମରେ 'ଓସେପା' ତରଫରୁ ଏହା ଆୟୋଜିତ ହୋଇଥିଲା। ଶିବିରରେ ଗଞ୍ଜାମ ଜିଲାରୁ ୮୮ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ୭ ଜଣିଆ ଏସ. ଆର. ଜି (ରାଜ୍ୟ ସମ୍ବଳ ଗୃପ) ଶିକ୍ଷକଙ୍କୁ ତାଲିମ ଦେଇଥିଲେ । ତାଲିମ ପାଇଥିବା ଶିକ୍ଷକ ନିଜ ବ୍ଲକରେ ୧୯ ରୁ ୨୩ ମଧ୍ୟରେ ନୂତନ ନିଯୁକ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ ଦେବେ । ଗଞ୍ଜାମର ୧୦୫୦ ଶିକ୍ଷକ ନୂତନ ନିଯୁକ୍ତି ପାଇଛନ୍ତି। ଓଡ଼ିଶା ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ ବିଷୟରେ ତାଲିମ ଦିଆଯାଇଥିଲା । ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଲିମ ପ୍ରାପ୍ତ ଶିକ୍ଷକମାନଙ୍କୁ କର୍ତ୍ତବ୍ୟନିଷ୍ଠ ହେବା ପାଇଁ କହିଥିଲେ। ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ଉନ୍ନତିରେ ଶିକ୍ଷକମାନେ ଉଦ୍ୟମ ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପାଣ୍ଡେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷକ ସନାତନ ଜାଲି, ସଂଚାଳନା କରିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ଓ ପେଡ଼ାଗୋଜୀ ସଂଯୋଜକ ସନ୍ତୋଷ କୁମାର ପଣ୍ଡା ସଂଯୋଜନା କରିଥିଲେ । ସ୍କୁଲର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ସନିଆ ଦୋଷୀ

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଲେଖ କୁମାର ପ୍ରଧାନ ସୋମବାର ଏକ ହତ୍ୟା ଉଦ୍ୟମ ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସନିଆ ଗୌଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥି ସହ ବର୍ଷେ ଜେଲ ଓ ୧ ହଜାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧୫ ଦିନ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଧର୍ମରାଜୁ ସେଠୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଯଦୁ ଭୂୟାଁ ଓ ଟୁକୁନା ବରାଡ଼ଙ୍କୁ ଗତ ୬ତାରିଖରେ ମାଜିଷ୍ଟ୍ରେଟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ଉକ୍ତଦିନ ସନିଆ କୋର୍ଟରେ ହାଜର ହୋଇ ନ ଥିଲେ। କୋର୍ଟ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲେ। ଗତ ୧୫ ତାରିଖରେ ବଡ଼ବଜାର ଥାନା ପୋଲିସ ଏନବିଡବ୍ଲ୍ୟୁ ବଳରେ ସନିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ୨୦୧୧ ସେପ୍ଟମ୍ବର ୨୮ ତାରିଖ ରାତି ୮ଟାରେ ପୁରୁଣା ବ୍ରହ୍ମପୁର ନିକଟ ନୀଳାଞ୍ଚଳ ସାହିର ଦାଶରଥି ସାହୁ ମନ୍ଦିରକୁ ଯାଉଥିଲେ। ସେ ସମୟରେ ସନିଆ ଓ ତାଙ୍କର ସହଯୋଗୀ ମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ରାସ୍ତାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକ ଦାଶରଥିଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଭାଇ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ ୧୩୧/୧୧ ରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛି ଦିନ ପରେ ସେମାନେ ଜାମିନ ପାଇଥିଲେ। ବିଚାର ବେଳେ ୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି କୁରେଶୁ ଗୌଡ଼ ଓ ଜଗନ୍ନାଥ ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ନିର୍ମାଣ ଶ୍ରମିକ ପରିଚୟ ପତ୍ର ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୧୮।୧୧(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ଦିଗପହଣ୍ଡି, ଚିକିଟି ଓ ବ୍ରହ୍ମପୁରରେ କାର୍ଯ୍ୟରତ ବହୁ ଶ୍ରମିକ ନିର୍ମାଣ ଶ୍ରମିକ ଦୀର୍ଘ ଦିନହେଲା ପରିଚୟ ପତ୍ର ପାଇ ନ ଥିବା ଅଭିଯୋଗ କରି ସୋମବାର ବହୁ ଶ୍ରମିକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଯୁଗ୍ମ ଶ୍ରମ ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶ୍ରମିକମାନେ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇଁ ଆବେଦନ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ପରିଚୟ ପତ୍ର ମିଳି ନାହିଁ। ଅନ୍ୟପଟେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ଛାଡି ଅନ୍ୟମାନଙ୍କୁ ପରିଚୟ ପତ୍ର ଦିଆଯାଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସେହିଭଳି ଶ୍ରମିକଙ୍କୁ ଗତ ମାସ ୨୪ ତାରିଖରେ ବାର୍ଷିକ ଦେୟ ପୈଠ କରାଗଲା। କିନ୍ତୁ ଆଜି ସୁଦ୍ଧା ଦେୟ ପୈଠର ରସିଦ ମଧ୍ୟ ପ୍ରଦାନ କରାଯାଇ ନ ଥିବା ଶ୍ରମିକମାନେ କହିଛନ୍ତି। ଯାହାଦ୍ୱାରା ସେମାନଙ୍କ ସନ୍ତାନ ସନ୍ତତିଙ୍କ ପାଠ ପଢାରେ ବାଧା ଉପୁଜୁଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗର ତଦନ୍ତ କରାଯାଇ ଖୁବଶୀଘ୍ର ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଆକାଶ ବିଶୋୟୀ ପ୍ରତିଶ୍ରୁତି ଦେଇଥିବା ଶ୍ରମିକମାନେ କହିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଏଆଇସିଟିୟୁସିର ଅଲକନାଥ ମିଶ୍ର, ଜୟ ଜଗନ୍ନାଥ କନଷ୍ଟ୍ରକସନ ସଂଘର ରାଜ କୁମାର ମହାପାତ୍ରଙ୍କ ସମେତ ସନ୍ତୋଷ କୁମାର ପାଣିଗ୍ରାହୀ, ଅଶୋକ ଶଙ୍କର, ସୁବାସ ଚନ୍ଦ୍ର ବାରିକ ଓ ବହୁ ଶ୍ରମିକ ଉପସ୍ଥିତ ଥିଲେ।



ଶ୍ରମିକମାନେ ଯୁଗ୍ମ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବାଇକ୍ ଦୁର୍ଘଟଣାରେ ୨ ମୃତ

ଭଞ୍ଜନଗର,୧୮।୧୧(ବାବୁଲା ପ୍ରଧାନ):

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଗାୟଗଣ୍ଡାରେ ରବିବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ଚାଳକ ଓ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ବାଇକ୍ ଚାଳକ ହେଲେ ଗାୟଗଣ୍ଡାର କାଲୁ ଜାନି(୨୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଧକ୍କାରେ ସେହି ଗ୍ରାମର ଚାଷୀ ପ୍ରକାଶ ଜେନା(୫୭)ଙ୍କ ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଯାଇଛି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ କାଲୁ ବାଇକରେ ଦ୍ରୁତ ଗତିରେ ତାରସିଂ ଅଭିମୁଖେ ଯାଉଥିଲେ। ଏହି ସମୟରେ ପ୍ରକାଶ ଜମିରୁ କାମ ସାରି ଘରକୁ ଫେରୁଥିବା ବେଳେ ବାଇକ୍ ତାଙ୍କୁ ଓ ଏକ ବାଛୁରୀଙ୍କୁ ଧକ୍କା ନେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ବାଛୁରୀର ମୃତ୍ୟୁ ହୋଇଥିବା ବେଳେ ପ୍ରକାଶ ଓ କାଲୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଦଶପଲ୍ଲା ମେଡ଼ିକାଲକୁ ନେଇଥିଲେ। ସେଠାରେ କାଲୁଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଦଶପଲ୍ଲା ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମରେ ଅନ୍ତିମ ସତ୍କାର କରାଯାଇଛି ।

## ଭାଷା ଆନ୍ଦୋଳନର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୮।୧୧(ସ୍ମୃତି ରଞ୍ଜନ ମହାଲିକ)

ଓଡିଆ ଭାଷା ଆନ୍ଦୋଳନର କାର୍ଯ୍ୟକାରିଣୀ ବୈଠକ ସୋମବାର ବିଜିପୁର ଜଗନ୍ନାଥ ମନ୍ଦିରର ଭକ୍ତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତା କରିଥିଲେ। ସଂପାଦକ ତଥା ଶିକ୍ଷାବିତ ହରେକୃଷ୍ଣ ପଣ୍ଡା ବିବରଣୀ ପାଠ କରିଥିଲେ। ଏଥିସହ ସେ ଆନ୍ଦୋଳନ ସଂଘର୍ଷର ସଫଳତା, ଭାଷାର ଅସ୍ମିତା ରକ୍ଷା ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ବିଭିନ୍ନ କାରଣ ଓ ଭବିଷ୍ୟତ ସଂପର୍କରେ କହିଥିଲେ। ଆସନ୍ତା ୨୩ ତାରିଖରେ ଓଡିଆ ଭାଷାକୁ ମାନ୍ୟତା ଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳନ ନେଇ ପ୍ରତିଯୋଗିତା କରିବାକୁ ସ୍ଥିର ହୋଇଥିଲା। ନବକୃଷ୍ଣ ଚୌଧୁରୀଙ୍କ ୧୨୪ ତମ ଜୟନ୍ତୀରୁ ୧୨୫ ତମ ଜୟନ୍ତୀ ପର୍ଯ୍ୟନ୍ତ ଓଡିଆ ଭାଷାର ବିକାଶ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦିଆଯିବ ବୋଲି ସଭାପତି କହିଛନ୍ତି। ଗଜପତି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ସଭାପତି ନୀଳାମ୍ବର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆସନ୍ତା ୨୦୨୫ ବର୍ଷର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଆଇନଜୀବୀ ଗୌରୀ ଶଙ୍କର ପଟ୍ଟନାୟକ, ରବି ନାରାୟଣ ସାବତ, ସଞ୍ଜୟ କୁମାର ମାଝି, ସୁପ୍ରିତ କୁମାର ରଥ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ବିକ୍ରି କରିବା କହି ୧୬ ଲକ୍ଷ ଠକୁ

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ):

ରାମକୃଷ୍ଣ ନଗର ପ୍ରଥମ ଲାଇନର ରବୀନ୍ଦ୍ର କୁମାର ପାଳଙ୍କୁ ଘର ବିକ୍ରି କରିବା କହି ତାଙ୍କ ଠାରୁ ୧୬ ଲକ୍ଷ ଠକୁ କରାଯାଇଛି। ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୪୨୦/୨୪ ରେ ମାମଲା ରୁଜୁ କରି ତଦନ୍ତ କରୁଛି। ରାମକୃଷ୍ଣନଗର ପ୍ରଥମ ଲାଇନରେ ଶରତ ଚନ୍ଦ୍ର ପାଢୀଙ୍କ ନାମରେ ଏକ ଘର ରହିଛି। ଏହି ଘର ବିକିବା ପାଇଁ ତାଙ୍କ ଝିଅ ମଞ୍ଜୁବାଳା ସାବତ ରବୀନ୍ଦ୍ରଙ୍କ ସହ ଯୋଗାଯୋଗ କରିଥିଲେ। ରବୀନ୍ଦ୍ର ଗତ ୨୦୨୧ ନଭେମ୍ବରରେ ଘର କିଣିବା ନେଇ ମଞ୍ଜୁବାଳାଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ଘରର ମୂଲ୍ୟ ୬୪ ଲକ୍ଷ ଟଙ୍କା ଧାର୍ଯ୍ୟ ହୋଇଥିଲା। ଏହି ବାବଦକୁ ଅଗ୍ରୀମ ଭାବେ ଏକାଧିକ ପର୍ଯ୍ୟାୟରେ ରବୀନ୍ଦ୍ର ଘରର ମାଲିକ ମଞ୍ଜୁବାଳା ସାବତଙ୍କ ସମ୍ପର୍କୀୟଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଓ ଚେକ ମାଧ୍ୟମରେ ସମୁଦାୟ ୧୬ ଲକ୍ଷ ୨୫ ହଜାର ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ରବୀନ୍ଦ୍ର ତାଙ୍କ ନାମରେ ଘର ରେଜିଷ୍ଟ୍ରେସନ କରିବାକୁ କହିଥିଲେ। ଏଣେ ମଞ୍ଜୁବାଳାଙ୍କ ପରିବାର ଦିନ ପରେ ଦିନ ଗଡାଇ ଚାଲିଥିଲେ। ଦୀର୍ଘ ଦିନ ପରେ ମଧ୍ୟ ଘର ରେଜିଷ୍ଟ୍ରେସନ ନ କରିବାକୁ ଆସିବାରୁ ବାଧ୍ୟ ହୋଇ ଅଗ୍ରୀମ ନେଇଥିବା ଟଙ୍କା ଫେରସ୍ତ କରିବାକୁ ରବୀନ୍ଦ୍ର ସେମାନଙ୍କୁ କହିଥିଲେ। ଏଥିରେ ମଞ୍ଜୁବାଳାଙ୍କ ପରିବାର କୌଣସି ସନ୍ତୋଷଜନକ ଉତ୍ତର ରଖିନଥିଲେ। ଏପରିକି ଟଙ୍କା ବିଷୟରେ ଜାଣିନଥିବା କହିବା ସହ ଟଙ୍କା ମାଗିଲେ ହତ୍ୟା ଧମକ ଦେଇଥିବା ନେଇ ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ମିଶନ ରାଣୀ ମାରୀୟାଙ୍କ ପର୍ବ ଉଦ୍‌ଘାଟିତ

ବ୍ରହ୍ମପୁର,୧୮।୧୧(ସ୍ମୃତି ରଞ୍ଜନ ମହାଲିକ)

ମିଶନ ରାଣୀ ମାରୀୟାଙ୍କ ପର୍ବ ସୋମବାର ମିଶନ ରାଣୀ ଚର୍ଚ୍ଚଠାରେ ଉଦଘାଟିତ ହୋଇଯାଇଛି। ଏହା ଆସନ୍ତା ୨୭ ତାରିଖ ଯାଏଁ ପାଳନ କରାଯିବ। ପ୍ରଥମ ଦିନରେ ନବୀନା ଉତ୍ସବ ହୋଇଥିଲା। ମୁଖ୍ୟ ଯାଜକ ସଞ୍ଜୀବ କୁମାର ନାୟକ ଦିବ୍ୟ ଯଜ୍ଞରେ ପୌରୋହିତ୍ୟ କରିଥିଲେ। ଯାଜକ ଅଜିତ କୁମାର ନାୟକ ମା' ମେରୀ ଅନୁଗ୍ରହରେ ପୂର୍ଣ୍ଣା ଓ ସ୍ୱର୍ଗର ଆଶା ବିଷୟରେ କହିଥିଲେ। ବ୍ରହ୍ମପୁର ଜିସୁସ ଯୁବ ଗୋଷ୍ଠୀ ସଂଗୀତ ଗାନ କରିଥିଲେ। ସହକାରୀ ଯାଜକ ପ୍ରଭୁଦାସ ନାୟକ, ଯାଜକ ଅଜିତ କୁମାର ନାୟକ, ପାରଳାଖେମୁଣ୍ଡି ମୁଖ୍ୟ ଯାଜକ ସଞ୍ଜୀବ କୁମାର ବୀର, ବ୍ରହ୍ମପୁର ଯାଜକ ଥୋମାସ ପାରାଏଲ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ଷ୍ଟେସନ ରୋଡ ସୋମନାଥ ନଗର, ଫାଷ୍ଟ ଗେଟ, ଗାନ୍ଧୀନଗର ଓ କର୍ପୋରେସନ ରୋଡର ବହୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଯୋଗ ଦେଇଥିଲେ।



ପର୍ବରେ ଉପସ୍ଥିତ ଯାଜକ ଓ ଅନ୍ୟମାନେ।

## ଅଭିଯୁକ୍ତଙ୍କୁ କେରଳରୁ ଆଣିଲା ପୋଲିସ

### ମହିଳାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା ଘଟଣା

ବ୍ରହ୍ମପୁର, ୧୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗୋଇଲୁଣ୍ଡି ସ୍ଥିତ ଏକ ଲଜ୍‌ରୁ ଗତ ୨୦୨୩ ନଭେମ୍ବର ୨୬ତାରିଖରେ ପୋଲିସ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣାରେ ହତ୍ୟା ଅଭିଯୁକ୍ତଙ୍କୁ କେରଳରୁ ପୋଲିସ ଆଣିଛି। ତାଙ୍କୁ ଏସଡିଜେଏମ କୋର୍ଟରେ ହାଜର ପରେ ରିମାଣ୍ଡରେ ନେଇଛି। ସେ ହେଲେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପରିଚୟ ଦେଇ ରହୁଥିବା କେରଳ ପାରିପଲ୍ଲୀ ଥାନା ଇଜହିପୁରମର ସମୀଦମନ ଏ.ଏସ (୩୫)। ସେ ବର୍ଷେ ହେଲା ଫେରାର ଥିଲେ। କେରଳରେ ଗଂଜେଇ ଚାଲାଣ ମାମଲାରେ ସମୀଦମନ ଗିରଫ ହୋଇ ତ୍ରିସୁର କେନ୍ଦ୍ରୀୟ ଜେଲରେ ବିଚାରାଧୀନ ବନ୍ଦୀ ଥିଲେ। ଖବର ପାଇ ବୈଦ୍ୟନାଥପୁର ଥାନା ପୋଲିସ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଆଣିବା ପାଇଁ ଏସଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। କୋର୍ଟଙ୍କ ଅନୁମତି ମିଳିବା ପରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍.ଙ୍କ ନିର୍ଦ୍ଦେଶରେ ଏକ ଟିମ କେରଳର ତ୍ରିସୁର ଯାଇ ଅଭିଯୁକ୍ତ ସମୀଦମନଙ୍କୁ ଟ୍ରାନଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଛି। ସୋମବାର ତାଙ୍କୁ ବ୍ରହ୍ମପୁର ଏସଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଛି। କୋର୍ଟ ଅଭିଯୁକ୍ତଙ୍କୁ ଉକ୍ତ ମାମଲାରେ ଜଡିତ କରିଛନ୍ତି। ତାଙ୍କୁ ତିନି ଦିନିଆ ରିମାଣ୍ଡରେ ନେବା ପାଇଁ ବୈଦ୍ୟନାଥପୁର ଥାନା ପୋଲିସ କୋର୍ଟରେ ଆବେଦନ ପରେ ଦୁଇଦିନିଆ ରିମାଣ୍ଡ ମଂଜୁର ହୋଇଛି। ସେହି ଆଧାରରେ ପୋଲିସ ୧୮ ଓ ୧୯ ଦୁଇଦିନ ଥାନାରେ ରଖି ଘଟଣା ସମ୍ପର୍କରେ ପୋଲିସ ମାରାଥନ ଜେରା କରିବ ବୋଲି ଜଣାପଡିଛି। ଏହାପରେ ପୁଣିଥରେ ଅଭିଯୁକ୍ତଙ୍କୁ ଆସନ୍ତା ୨୦ ତାରିଖରେ ଏସଡ଼ିଜେଏମଙ୍କ ନିକଟରେ ହାଜର କରିବା ପାଇଁ କୋର୍ଟ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଏନେଇ କ୍ୟାଡର ଏପିପି ସୂଚନା ଦେଇଛନ୍ତି। ଗୋଇଲୁଣ୍ଡି ସ୍ଥିତ ଏକ ଲଜରେ ସ୍ୱାମୀ–ସ୍ତ୍ରୀ ପରିଚୟ ଦେଇ ସମୀଦମନ ଓ ବିଶାଖାପାଟଣା ଆର.ଭି.ନଗରର କ୍ରିଷ୍ଣା ବେନି କୋନାପଲି(୩୦) ରହିଥିଲେ। ଗତ ୨୦୨୩ ନଭେମ୍ବର ୨୬ତାରିଖରେ ମହିଳାଙ୍କ ଗଳିତ ମୃତଦେହ ଲଜ ରୁମ୍‌ରୁ ଉଦ୍ଧାର ହୋଇଥିବା ବେଳେ ସମୀଦମନଙ୍କ ପତ୍ତା ମିଳି ନଥିଲା। ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ହତ୍ୟା ବୋଲି ଜଣାପଡିଥିଲା। ଏଣୁ ପୋଲିସ ଡିସେମ୍ବର ୧୨ତାରିଖରେ ନଂ.୬୨୮/୨୩ରେ ହତ୍ୟା ମାମଲା ରୁଜୁ କରିଥିଲା। ସମୀଦମନ ହିଁ ହତ୍ୟାକାରୀ ବୋଲି ପୋଲିସ ପ୍ରମାଣ ପାଇଥିଲା। କିନ୍ତୁ ଘଟଣା ପରେ ସେ ଫେରାର ହୋଇଯାଇଥିବାରୁ ତାଙ୍କୁ ଧରିବାରେ ସକ୍ଷମ ହୋଇ ନଥିଲା।

## ଦଲାଲଙ୍କୁ କାବୁ କରିବାକୁ ସ୍କ୍ୱାଡ୍ ଗଠନ ହେବ

### ଏମ୍‌କେସିଜି ମେଡିକାଲରେ ସମୀକ୍ଷା ବୈଠକ

ବ୍ରହ୍ମପୁର, ୧୮।୧୧ (ସୁବାସ ଚନ୍ଦ୍ର ପାଢ଼ୀ)



ବୈଠକରେ ଉପସ୍ଥିତ ବିଧାୟକ ଓ ଡିନଙ୍କ ସମେତ ଅନ୍ୟମାନେ ।

ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନିର୍ଦ୍ଦେଶରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଅଧକ୍ଷ ତଥା ଡ଼ିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶଙ୍କ ଅଧକ୍ଷତାରେ ସୋମବାର ଏକ ସମୀକ୍ଷା ବୈଠକ ହୋଇଛି। କଲେଜର ଟେଲିମେଡ଼ିସିନ କୋଠାରେ ଅନୁଷ୍ଠିତ ଏହି ବୈଠକରେ ମେଡ଼ିକାଲର ବିଭିନ୍ନ ବିଭାଗ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମକେସିଜି ମେଡ଼ିକାଲରେ ଚିକିତ୍ସାଧୀନ ସମୟରେ ରୋଗୀଙ୍କୁ ରକ୍ତ ମିଳିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିବା ବୈଠକରେ ବିଧାୟକ କହିଥିଲେ। ବିଭିନ୍ନ ସମୟରେ ରକ୍ତଦାତାମାନେ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରକ୍ତ ଭଣ୍ଡାରରୁ ରୋଗୀଙ୍କୁ ରକ୍ତ ଦିଆଯାଉଥିବା ବେଳେ ସେଥିମଧ୍ୟରୁ ବହୁ ୟୁନିଟ ରକ୍ତ ନଷ୍ଟ ହେଉଥିବା ବେଳେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ରୋଗୀଙ୍କୁ ରକ୍ତ ପ୍ରଦାନ ନେଇ ଏସଓପି ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କାଜୁଆଲିଟିରେ ବେଡ଼ ସଂଖ୍ୟା କମ ରହୁଥିବାରୁ ୱାର୍ଡକୁ ସ୍ଥାନାନ୍ତର ବିଳମ୍ବ ହେଉଛି। ତେଣୁ କାଜୁଆଲଟି ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ହୋଇଛି। ରୋଗୀଙ୍କୁ ଘରୋଇ ନର୍ସିଂହୋମ ଚାଲାଣ କରିବାରେ ମେଡ଼ିକାଲର କିଛି ଡ଼ାକ୍ତର ଓ ଆଶାକର୍ମୀ ସହଯୋଗ କରୁଥିବା ଦଲାଲଙ୍କୁ କାବୁ କରିବାକୁ ମେଡ଼ିକାଲ କର୍ତ୍ତୃପକ୍ଷ ଡ଼ିସେମ୍ବର ମାସ ମଧ୍ୟରେ ଏକ ସତନ୍ତ୍ର ସ୍କ୍ୱାର୍ଡ଼ ଗଠନ କରାଯିବ। ସେହିପରି ମେଡ଼ିକାଲର କାଲୁଆଲଟି, ଆଇସିୟୁ ସମମେତ ବହୁ ବିଭାଗରେ ବରିଷ୍ଠ ଡ଼ାକ୍ତର ଅନୁପସ୍ଥିତ ରହୁଥିବା ବେଳେ ପିଜି ଡ଼ାକ୍ତରମାନେ ରୋଗୀ ଚିକିତ୍ସା କରିଥାନ୍ତି। ଏଥି ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଥିଲା। ରୋଗୀ ଓ ସେମାନଙ୍କୁ ସାଧାରଣ ଓ ଜରୁରୀ ଆବଶ୍ୟକତା ସୂଚନା ଯୋଗାଇବା ପାଇଁ ମେଡ଼ିକାଲର ବିଭିନ୍ନ ବିଭାଗରେ ହେଲ୍ପ ଡେସ୍କ ଖୋଲିବାକୁ ନିଷ୍ପତ୍ତି ହୋଇଛି। ମେଡ଼ିକାଲ ପରିସରରେ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପାର୍କିଂ କରାଯାଉଥିବା ଆମ୍ବୁଲାନ୍ସ ଓ ଯାନବାହନ ହଟାଇବାକୁ କୁହାଯାଇଥିଲା। ଅଚଳ ମେସିନ ମରାମତି କରି ରୋଗୀଙ୍କ ବ୍ୟବହାରେ ଲଗାଇବା ଉପରେ ଆଲୋଚନା ହୋଇଛି। ମେଡ଼ିକାଲରେ ରୋଗୀଙ୍କ ଆବଶ୍ୟକ ମୁତାବକ ଡାୟଲିସିସ ହେଉନଥିବାରୁ ବହୁ ରୋଗୀଙ୍କୁ ଡାୟଲିସିସ ନିମନ୍ତେ ଘରୋଇ କ୍ଲିନିକକୁ ଚାଲାଣ କରାଯାଉଥିବାରୁ ଡାୟଲିସିସ କରିବାକୁ ମେସିନ ସଂଖ୍ୟା ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଟ୍ରମା କେୟାର, ପାରାମେଡ଼ିକାଲ କର୍ମଚାରୀ ସମେତ ରେଡିଓଲୋଜିରେ ସଂରଚନା ଉପଲବ୍ଧ କରିବାକୁ କୁହାଯାଇଥିଲା। ଉପାଧ୍ୟକ୍ଷ ପ୍ରଫେସର ଡ଼ା. ନରେନ୍ଦ୍ର ବେହେରା, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ।

